# NATIONAL NEWS BULLETIN (ODIA)
## 29 June 2026
## Midday Bulletin : 1.50 P.M.

****************************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପ୍ରତିରକ୍ଷା ଅଳଙ୍କରଣ ସମାରୋହରେ ଆଜି ବୀରତ୍ୱ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି

- ସେସେଲ୍ସ ଗସ୍ତର ତୃତୀୟ ଦିନରେ ପ୍ରବାସୀ ଭାରତୀୟଙ୍କ ସହ ସାକ୍ଷାତ କଲେ ପ୍ରଧାନମନ୍ତ୍ରୀ

- ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ମିଳିଥିବା ଦାନ ଅନିମିତତା ଅଭିଯୋଗରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାର ଜରୁରୀ ଶୁଣାଣି ପାଇଁ ମନା କଲେ ସୁପ୍ରିମକୋର୍ଟ

ଏବଂ

- ପୁରୀ ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହେଉଛି ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନନୀତି

## ପ୍ରେଜ୍-ପ୍ରାଇଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ୨୦୨୬ର ଦ୍ୱିତୀୟ ପ୍ରତିରକ୍ଷା ଅଳଙ୍କରଣ ସମାରୋହରେ ବୀରତ୍ୱ ପୁରସ୍କାର ପ୍ରଦାନ କରିବେ। ଅପରାହ୍ନରେ ରାଷ୍ଟ୍ରପତି ପ୍ରତିରକ୍ଷା ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଲିସର

କର୍ମଚାରୀମାନଙ୍କୁ ବୀରତ୍ୱ ପୁରସ୍କାରରେ ସମ୍ମାନିତ କରିବେ। ସଶସ୍ତ୍ର ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ଏବଂ ଅନ୍ୟାନ୍ୟ ସୁରକ୍ଷା ସଂସ୍ଥାର କର୍ମଚାରୀମାନଙ୍କ ଅସାଧାରଣ ସାହସିକତା ଓ ବୀରତ୍ୱପୂର୍ଣ୍ଣ କାର୍ଯ୍ୟକୁ ସ୍ୱୀକୃତି ଦେବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଏ। ଏହି ପୁରସ୍କାର ଜମ୍ମୁ-କାଶ୍ମୀର, ଉତ୍ତର-ପୂର୍ବାଞ୍ଚଳ ଏବଂ ଦେଶର ସୀମାନ୍ତ ଅଞ୍ଚଳରେ ଆତଙ୍କବାଦ, ବିଦ୍ରୋହ ଓ ଶତ୍ରୁପକ୍ଷ  ବିରୋଧରେ ଭାରତର ନିରନ୍ତର ସଂଗ୍ରାମକୁ ପ୍ରତିଫଳିତ କରିବା ସହିତ ବିମାନ ଚଳାଚଳ, ସାମୁଦ୍ରିକ ଅଭିଯାନ ଏବଂ ମାନବିକ ସହାୟତା କାର୍ଯ୍ୟରେ ପ୍ରଦର୍ଶିତ ଅସାଧାରଣ ସାହସକୁ ମଧ୍ୟ ସମ୍ମାନିତ କରିଥାଏ। ଚଳିତ ମାସ ୮ ତାରିଖରେ ରାଷ୍ଟ୍ରପତି ମୁର୍ମୁ ରାଷ୍ଟ୍ରପତି ଭବନରେ ଆୟୋଜିତ ପ୍ରତିରକ୍ଷା ଅଳଙ୍କରଣ ସମାରୋହର ପ୍ରଥମ ପର୍ଯ୍ୟାୟରେ ବୀରତ୍ୱ ପୁରସ୍କାର ପ୍ରଦାନ କରିଥିଲେ।

## ପିଏମ୍-ସେସେଲ୍ସ ଟେମ୍ପଲ

ସେସେଲ୍ସ ଗସ୍ତର ତୃତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିକ୍ଟୋରିଆସ୍ଥିତ ନବଶକ୍ତି ବିନାୟଗର ମନ୍ଦିର ପରିଦର୍ଶନ କରିଛନ୍ତି। ଶ୍ରୀ ମୋଦୀ ସେଠାରେ ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ସାକ୍ଷାତ କରିଛନ୍ତି। ଆଜି ପ୍ରଧାନମନ୍ତ୍ରୀ ପିସ୍ ପାର୍କ ଗସ୍ତ କରି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

ଗତକାଲି ଶ୍ରୀ ମୋଦୀ  ସେସେଲ୍ସର ସ୍ୱାଧୀନତାର ୫୦ତମ ବାର୍ଷିକୀ ଉପଲକ୍ଷେ ଆୟୋଜିତ ଜାତୀୟ ଦିବସ ଉତ୍ସବରେ  ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ସେସେଲ୍ସର ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନି' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପରିବେଶ ସଂରକ୍ଷଣ

ଏବଂ ନିରନ୍ତର ବିକାଶ କ୍ଷେତ୍ରରେ ନେତୃତ୍ୱ ପାଇଁ  ସର୍ବୋଚ୍ଚ ସମ୍ମାନ 'ଗାର୍ଡିଅନ୍ ଅଫ୍ ଦ ବ୍ଲୁ ହରାଇଜନ୍-ସେସେଲ୍ସ' ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ସେଠାକାର ଜାତୀୟ ସଭାରେ ଉଦ୍‌ବୋଧନ ଦେଇ ଭାରତ ଓ ସେସେଲ୍ସ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସଂପର୍କ ବିଷୟରେ ଆଲୋକପାତ କରିଥିଲେ ।

## ଗଭ୍-ଇମ୍ପୋର୍ଟାଣ୍ଟ ନୋଟିସ୍

ସରକାର ୨୦୨୬ ଜନ ବିଶ୍ୱାସ ଆଇନ ଅଧୀନରେ  ଇମ୍ପ୍ରୁଭମେଣ୍ଟ ନୋଟିସ୍ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏହି ପ୍ରକ୍ରିୟା ଅଧୀନରେ ପ୍ରଥମ ଥର ପାଇଁ  ନିୟମ ଉଲ୍ଲଙ୍ଘନ କରୁଥିବା ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଦଣ୍ଡବିଧାନ କରିବା ପୂର୍ବରୁ ତ୍ରୁଟି ସୁଧାରିବା  ଲାଗି  ସୁଯୋଗ ଦିଆଯିବ। ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବ୍ୟବସାୟ କରିବାର ସହଜତା ବୃଦ୍ଧି, ସ୍ୱେଚ୍ଛାକୃତ ଭାବେ ନିୟମ ପାଳନ ଲାଗି ଉତ୍ସାହିତ କରିବା, ଆବଶ୍ୟକ ନଥିବା କ୍ଷେତ୍ରରେ ମାମଲା ସଂଖ୍ୟା ହ୍ରାସ କରିବା ଏବଂ ବିଶ୍ୱାସ ଭିତ୍ତିକ ନିୟାମକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏହି ପ୍ରକ୍ରିୟା ସହାୟକ ହେବ । ।

ନୂତନ ବ୍ୟବସ୍ଥା ଅନୁଯାୟୀ, ଆଇନଗତ ଭାବେ ମାପ ବିଜ୍ଞାନ ଅଧିକାରୀ ବା ମେଟ୍ରୋଲୋଜି ଅଫିସର ପ୍ରଥମ ଥର ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟିକ ସଂସ୍ଥାକୁ ଇମ୍ପ୍ରୁଭମେଣ୍ଟ ନୋଟିସ୍ ଜାରି କରି ତ୍ରୁଟି ସୁଧାରିବା ପାଇଁ  ସମୟ ଦେଇପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ରୁଟି ସୁଧାରିବା କାର୍ଯ୍ୟ ପରେ  ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଓ ମକଦ୍ଦମାରୁ ରକ୍ଷା ମିଳିପାରିବ। ତେବେ ନୋଟିସ୍ ପାଳନ ନକରିବା, ବାରମ୍ବାର ନିୟମ

ଉଲ୍ଲଂଘନ, ଜାଲିଆତି ଓ ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରଭାବିତ କରୁଥିବା ଅନ୍ୟାନ୍ୟ କାର୍ଯ୍ୟ ବିରୋଧରେ ମାପବିଜ୍ଞାନ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ ।

## ଗଭ୍-ଇମ୍ପୋର୍ଟାଣ୍ଟ ନୋଟିସ୍

ସରକାର ୨୦୨୬ ଜନ ବିଶ୍ୱାସ ଆଇନ ଅଧୀନରେ ଇମ୍ପ୍ରୁଭମେଣ୍ଟ ନୋଟିସ୍ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏହି ପ୍ରକ୍ରିୟା ଅଧୀନରେ ପ୍ରଥମ ଥର ପାଇଁ ନିୟମ ଉଲ୍ଲଙ୍ଘନ କରୁଥିବା ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଦଣ୍ଡବିଧାନ କରିବା ପୂର୍ବରୁ ତ୍ରୁଟି ସୁଧାରିବା ଲାଗି ସୁଯୋଗ ଦିଆଯିବ। ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବ୍ୟବସାୟ କରିବାର ସହଜତା ବୃଦ୍ଧି, ସ୍ୱେଚ୍ଛାକୃତ ଭାବେ ନିୟମ ପାଳନ ଲାଗି ଉତ୍ସାହିତ କରିବା, ଆବଶ୍ୟକ ନଥିବା କ୍ଷେତ୍ରରେ ମାମଲା ସଂଖ୍ୟା ହ୍ରାସ କରିବା ଏବଂ ବିଶ୍ୱାସ ଭିତ୍ତିକ ନିୟାମକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏହି ପ୍ରକ୍ରିୟା ସହାୟକ ହେବ । ।

ନୂତନ ବ୍ୟବସ୍ଥା ଅନୁଯାୟୀ, ଆଇନଗତ ଭାବେ ମାପ ବିଜ୍ଞାନ ଅଧିକାରୀ ବା ମେଟ୍ରୋଲୋଜି ଅଫିସର ପ୍ରଥମ ଥର ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟିକ ସଂସ୍ଥାକୁ ଇମ୍ପ୍ରୁଭମେଣ୍ଟ ନୋଟିସ୍ ଜାରି କରି ତ୍ରୁଟି ସୁଧାରିବା ପାଇଁ ସମୟ ଦେଇପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ରୁଟି ସୁଧାରିବା କାର୍ଯ୍ୟ ପରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଓ ମକଦ୍ଦମାରୁ ରକ୍ଷା ମିଳିପାରିବ। ତେବେ ନୋଟିସ୍ ପାଳନ ନକରିବା, ବାରମ୍ବାର ନିୟମ ଉଲ୍ଲଂଘନ, ଜାଲିଆତି ଓ ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରଭାବିତ କରୁଥିବା ଅନ୍ୟାନ୍ୟ

କାର୍ଯ୍ୟ ବିରୋଧରେ ମାପବିଜ୍ଞାନ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ ।

# ଏସ୍‌ସି-ପିଆଇଏଲ୍

ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ମିଳିଥିବା ଦାନରେ ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ ଏବଂ ଫରେନ୍ସିକ୍ ଅଡିଟ୍ ପାଇଁ ଅଦାଲତଙ୍କ ତତ୍ତ୍ୱାବଧାନରେ କରିବାକୁ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାର ଜରୁରୀ ଶୁଣାଣି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଆଜି ମନା କରିଛନ୍ତି। ବିଚାରପତି ଜଷ୍ଟିସ୍ ଏମ୍. ଏମ୍. ସୁନ୍ଦରେଶ ଏବଂ ଶୀଲ ନାଗୁଙ୍କ ଖଣ୍ଡପୀଠ ଏହି ମାମଲାରେ ଜରୁରୀ ଶୁଣାଣିର ଆବଶ୍ୟକତା ଉପରେ ପ୍ରଶ୍ନ ଉଠାଇବା ସହ ଗ୍ରୀଷ୍ମକାଳୀନ ଅବକାଶ ପରେ ନ୍ୟାୟାଳୟ ପୁନଃ ଖୋଲିବା ପରେ ଏହି ଆବେଦନର ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# କୋର୍ଟ-ନିଟ୍-ୟୁଜି

ନିଟ୍ ୟୁଜି ପ୍ରବେଶିକା ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇଥିବା ୧୦ଜଣ ଅଭିଯୁକ୍ତଙ୍କ ନ୍ୟାୟିକ ହେପାଜତ ସମୟସୀମା ଆସନ୍ତାମାସ ୧୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା-ସିବିଆଇ ଏହି ମାମଲାର ତଦନ୍ତ କରୁଥିବା ବେଳେ ଦିଲ୍ଲୀର ରାଉଜ୍ ଆଭିନ୍ୟୁ କୋର୍ଟ ଏହି ସମୟସୀମା ବୃଦ୍ଧି କରିଛନ୍ତି । ପୂର୍ବରୁ ଗତ ୧୫ ତାରିଖରେ ରାଉଜ ଆଭିନ୍ୟୁ କୋର୍ଟ ଅଭିଯୁକ୍ତମାନଙ୍କ ନ୍ୟାୟିକ ହେପାଜତ ସମୟସୀମା ଆଜିପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ସୂଚନା ଅନୁଯାୟୀ ଏହି ମାମଲାରେ ସିବିଆଇ ଏପର୍ଯ୍ୟନ୍ତ ୧୩ ଜଣଙ୍କୁ ଗିରଫ କରିଛି ।

# ଖଡ୍‌ଗେ ଓଥ୍

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଆଜି ସଂସଦ ଭବନରେ ରାଜ୍ୟସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି । ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ’ ଶ୍ରୀ ଖଡ୍‌ଗେଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ସୂଚନାଯୋଗ୍ୟ ଶ୍ରୀ ଖଡଗେ କର୍ଣ୍ଣାଟକରୁ ରାଜ୍ୟସଭାକୁ ପୁନଃ ନିର୍ବାଚିତ ହୋଇଛନ୍ତି । ଆଜିର ଶପଥପାଠ ସମୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ, ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆସାମ ଫ୍ଲଡ୍

ଆସାମର ଧେମାଜି ଜିଲ୍ଲାରେ ବଡ଼ ଧରଣର ବନ୍ୟା ଆଶଙ୍କା ଦେଖା ଦେଇଛି। ଅରୁଣାଚଳ ପ୍ରଦେଶର ପାହାଡ଼ିଆ ଅଞ୍ଚଳରେ ଗାଇ ନଦୀର ଉପରମୁଣ୍ଡରେ ଜଳ ପ୍ରବାହ ଅସ୍ଥାୟୀ ଭାବେ ଅବରୋଧ ହୋଇଥିବା ଜଣାପଡ଼ିବା ପରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଏକ ବିରାଟ ଭୂସ୍ଖଳନ ଫଳରେ ନଦୀର ପ୍ରବାହ ବାଧାପ୍ରାପ୍ତ ହୋଇଥିବା ଅନୁମାନ କରାଯାଉଛି। ଧେମାଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀ ସତର୍କ ସୂଚନା ଜାରି କରାଯାଇଛି। ନଦୀରେ ଜମି ରହିଥିବା ପାଣି ହଠାତ୍ ତଳମୁଣ୍ଡକୁ ପ୍ରବାହିତ ହେଲେ ଆକସ୍ମିକ ବନ୍ୟା ସୃଷ୍ଟି ହୋଇପାରେ ବୋଲି ପ୍ରଶାସନ ସତର୍କ କରିଛି। ବିଶେଷକରି ନଦୀକୂଳ, ଛୋଟ ନଦୀ ଓ ନାଳ ନିକଟବର୍ତ୍ତୀ ଅଞ୍ଚଳ, ଜଳାଶୟ, ବନ୍ଧ ଏବଂ ନିମ୍ନାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଲୋକମାନଙ୍କୁ ସରକାରୀଙ୍କ ଦ୍ୱାରା

ପ୍ରଦତ୍ତ ପରାମର୍ଶ ଅନୁସରଣ କରିବା, ସ୍ଥାନୀୟ ପ୍ରଶାସନକୁ ସହଯୋଗ କରିବା ଏବଂ ଆବଶ୍ୟକ ପଡ଼ିଲେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବା ପାଇଁ ପ୍ରସ୍ତୁତ ରହିବାକୁ ଅନୁରୋଧ କରିଛି। ଅନ୍ୟପକ୍ଷରେ ପାହାଡ଼ିଆ ଅଞ୍ଚଳରୁ ଆସୁଥିବା ପ୍ରବଳ ବର୍ଷାଜଳ ଯୋଗୁଁ ଜିଲ୍ଲାର ଜୋନାଇ ଉପମହକୁମାର ଅନେକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ବନ୍ୟାଜଳ ଜାତୀୟ ରାଜପଥ-୫୧୫ ଉପରେ ପ୍ରବାହିତ ହେବାରୁ ଯାନଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି।

## ବାଂଲାଦେଶ ପଲିଟିକ୍ସ

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା କହିଛନ୍ତି ଯେ, ତାଙ୍କ ବିରୋଧରେ ଚାଲିଥିବା ମାମଲା, ମୃତ୍ୟୁଦଣ୍ଡ ରାୟ ଏବଂ ଆୱାମୀ ଲିଗ୍‌ର ରାଜନୈତିକ କାର୍ଯ୍ୟକଳାପ ଉପରେ ନିଷେଧାଜ୍ଞା ସତ୍ତ୍ୱେ ସେ ଚଳିତ ବର୍ଷ ଶେଷ ସୁଦ୍ଧା ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିବେ। ଏକ ଟେଲିଭିଜନ୍ ଚ୍ୟାନେଲ୍‌କୁ ଦେଇଥିବା ସାକ୍ଷାତ୍‌କାରରେ ଶେଖ୍ ହସିନା ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାଗୁଡ଼ିକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି କହିଛନ୍ତି। ସେ କହିଛନ୍ତି ବର୍ତ୍ତମାନର ବାଂଲାଦେଶ ସରକାର ନ୍ୟାୟିକ ବ୍ୟବସ୍ଥାକୁ ବ୍ୟବହାର କରି ଆୱାମି ଲିଗ୍‌କୁ ବାଂଲାଦେଶରୁ ହଟାଇବାକୁ ଉଦ୍ୟମ କରୁଛନ୍ତି।

ଆୱାମୀ ଲିଗ୍‌ର କାର୍ଯ୍ୟକଳାପ ଉପରେ ଦେଶବ୍ୟାପୀ ନିଷେଧାଜ୍ଞା ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଦଳ ତାହାର ୭୭ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ ଶେଖ୍ ହସିନା ଏହି ମନ୍ତବ୍ୟ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସେ କ୍ଷମତାରୁ ହଟିବା ପରେ ବାଂଲାଦେଶରେ ଗଣତନ୍ତ୍ର, ଆଇନର ଶାସନ ଏବଂ ସଂଖ୍ୟାଲଘୁଙ୍କ ଅଧିକାରର ଅବନତି

ଘଟିଥିବା ବେଳେ ଉଗ୍ରବାଦ ଓ ରାଜନୈତିକ ଅସହିଷ୍ଣୁତା ବୃଦ୍ଧି ପାଇଛି। ସେ କହିଛନ୍ତି, ଧାର୍ମିକ ସଂଖ୍ୟାଲଘୁ ଏବଂ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଉପରେ ଆକ୍ରମଣ ବୃଦ୍ଧି ପାଇଛି ଏବଂ ବାଂଲାଦେଶ ମୁକ୍ତିଯୁଦ୍ଧର ଆଦର୍ଶଠାରୁ ଦୂରେଇ ଯାଇଛି ।

## ଦେବସ୍ନାନ ପୂର୍ଣ୍ଣିମା

ପୁରୀ ଶ୍ରୀକ୍ଷେତ୍ରରେ ସ୍ନାନ ମଣ୍ଡପ ଉପରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ରତ୍ନବେଦୀରୁ ଚତୁର୍ଦ୍ଧା ମୂର୍ତ୍ତି ଧାଡି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିଛନ୍ତି। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ ବାଡ଼ଗ୍ରାହୀ ଶ୍ରୀବଳଭଦ୍ର ଧାଡ଼ି ପହଣ୍ଡିରେ ଆସିଥିଲେ। ଏହା ପରେ ଦେବୀ ସୁଭଦ୍ରା ଏବଂ ପ୍ରଭୁ ଜଗନ୍ନାଥ ସ୍ନାନବେଦୀକୁ ବିଜେ କରିଥିଲେ । ସ୍ନାନବେଦୀରେ ସୁନାକୂଅରୁ ୧୦୮ ଗରା ସୁବାସିତ ଜଳ ଅଣାଯାଇ ଶ୍ରୀଜୀଉମାନଙ୍କ ସ୍ନାନ ନୀତି ଅନୁଷ୍ଠିତ ହେଉଛି । ସ୍ନାନବେଦୀ ଉପରେ ଠାକୁରଙ୍କର ହାତୀବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କୁ ଭିଡ଼ ଲାଗିଛି । ମହାପ୍ରଭୁ ଆଜି ଅଣସରଘରକୁ ବିଜେ କରିବେ ।

## ଅମରନାଥ ଯାତ୍ରା

ଜାମ୍ମୁ-କାଶ୍ମୀରରେ ଆସନ୍ତା ଜୁଲାଇ ୩ ତାରିଖରୁ ବାର୍ଷିକ ଶ୍ରୀ ଅମରନାଥଜୀ ଯାତ୍ରା ଆରମ୍ଭ ହେବ । ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଆମ ଜାମ୍ମୁ ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ, ଯାତ୍ରା ଆରମ୍ଭ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା, ଯାନବାହନ ଚଳାଚଳ ଏବଂ ସାମଗ୍ରିକ ପ୍ରସ୍ତୁତିର ଆକଳନ ପାଇଁ ଅଭ୍ୟାସ ପରୀକ୍ଷଣ କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **କ୍ଷୁଦ୍ର ବ୍ୟବସାୟର ବିକାଶ ଏବଂ ଉଦ୍ୟୋଗୀମାନଙ୍କ ଲାଗି ସୁଯୋଗ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଭାରତ ସରକାରଙ୍କ ଏମ୍‌ଏସଏମ୍‌ଇ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡକ୍ଟର ରଜନୀଶ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ଓ୍ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।